## ଅବକାରୀ ଚଢ଼ାଉ, ମହିଳା ଗିରଫ

ମୋରଡା,(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡା ଅଞ୍ଚଳରେ ଦିନକୁ ଦିନ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ସୋମବାର ମୋରଡ଼ା ଅବକାରୀ ବିଭାଗ ଶୀର୍ଷାପାଳ ଗ୍ରାମରେ ଚଢ଼ାଉ କରି ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ବୁଦ୍ଧିମତି ବେହେରା। ତାଙ୍କଠାରୁ ୧୫ ଲିଟରରୁ ଊର୍ଦ୍ଧ୍ୱ ଚୋରା ମଦ ମଦ ଜବତ ହୋଇଛି।

## ସଂକ୍ଷେପରେ

### ଚଳନ୍ତା ସ୍କୁଟିରେ ନିଆଁ

ଚମ୍ପୁଆ,୨୬।୯(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ସଣ୍ଡିଆମରା ନିକଟରେ ଚଳନ୍ତା ସ୍କୁଟିରେ ନିଆଁ ଲାଗିଯାଇଛି। ଚାଳକ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ସ୍କୁଟିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଝୁମ୍ପୁରା ବ୍ଲକ୍ ଅମ୍ଳାନିଗୋଡ଼ା ଅଞ୍ଚଳର ଆଶାକର୍ମୀ ଗୌରୀ ପେଠି ତାଙ୍କ ସହଯୋଗୀଙ୍କ ସହ ଚମ୍ପୁଆ ଅଞ୍ଚଳକୁ ନବଜାତ ଶିଶୁଙ୍କ ପ୍ରମାଣପତ୍ର ଆବେଦନ ପାଇଁ ଓଡି ୦୯ ଇ ୯୦୨୧ ନଂ ସ୍କୁଟି ନେଇ ଯାଉଥିଲେ। ସଣ୍ଡିଆମରା ନିକଟରେ ଗାଡ଼ିଟିରେ ନିଆଁ ଲାଗିଥିବାର ଜାଣି ଗାଡ଼ି ଛାଡ଼ି ରାସ୍ତା କଡ଼କୁ ପଳାଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମାତ୍ର ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ ଲିଭାଇଲା ବେଳକୁ ସ୍କୁଟିଟି ସମ୍ପୂର୍ଣ ପୋଡ଼ି ଯାଇଥିଲା। ଡିକିରେ କେତେକ ଜରୁରୀ କାଗଜପତ୍ର ସହ ନଗଦ ଟଙ୍କା ପୋଡ଼ିଯାଇଥିବା ଆଶାକର୍ମୀ ସୂଚନା ଦେଇଛନ୍ତି।

### ନୟନଯୋରିରୁ ମିଳିଲା ବୃଦ୍ଧଙ୍କ ମୃତଦେହ

ବାସୁଦେବପୁର, ୨୬।୯ (ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବେତଡ଼ା କ୍ଷୀରକୋଣା ରାସ୍ତା ସଂଲଗ୍ନ ଏକ ନୟନଯୋରିରୁ ଜଣେ ବୃଦ୍ଧଙ୍କ ମୃତଦେହ ରବିବାର ରାତିରେ ମିଳିଛି। ମୃତକ ହେଲେ ବେତଡ଼ା ଚନ୍ଦନପୁର ଗ୍ରାମର ଦାମୋଦର ଶତ୍‌ପଥୀ। ବାସୁଦେବପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ସୂଚନା ଅନୁଯାୟୀ, ଦାମୋଦର ରବିବାର ସାଇକେଲରେ ବେତଡ଼ା ବଜାରକୁ ଆସିଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ସାଇକେଲ ଉକ୍ତ ନୟନଯୋରି ନିକଟରେ ଥିବା ଦେଖି ସନ୍ଦେହରେ ଲୋକେ ଖୋଜାଖୋଜି କରିବା ପରେ ମୃତଦେହ ମିଳିଥିଲା।

### ପିଡି ଡିଆରଡିଏଙ୍କ ଯୋଗଦାନ

ବାରିପଦା ଅଫିସ,୨୬।୯ -ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ମୟୂରଭଞ୍ଜ ଜିଲା ପିଡିଡିଆରଡିଏ ଭାବେ ଦୌଲତ ଚନ୍ଦ୍ରକର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ସୁନ୍ଦରଗଡ ଜିଲା ପାନପୋଷ ଅଞ୍ଚଳରେ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ବାରିପଦା ମୁର୍ଗାବାଡିସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

### ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକୋତ୍ସବ

ବେତନଟୀ,୨୬।୯(ଡି.ଏନ.ଏ./ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା ବେତନଟୀ ସ୍ଥିତ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପ୍ରଥମ ବାର୍ଷିକୋତ୍ସବ ଶନିବାର ବେତନଟୀ ଧର୍ମଶାଳାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦତା ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। ବଡ଼ସାହି ବ୍ଲକ ସଭାପତି ରଣଜିତ୍ କୁମାର ଦାସ, ସମ୍ପାଦକ ସନ୍ତୋଷ କୁମାର ବେହେରା ଓ ଜୋନାଲ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା ଯୋଗଦେଇ ସଂଗଠନର ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ। ୫ଜଣଙ୍କୁ ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା ବେଳେ ସଭାରେ ୩୫ଜଣ ସଭ୍ୟ ଯୋଗ ଦେଇଥିଲେ। ସଭାରେ ଚୂଡ଼ାମଣି ମହାପାତ୍ର, ଭଗବାନ ବିଶ୍ୱାଳ, ବାସୁଦେବ ନାପିତ, ହରେନ୍ଦ୍ର ନାଥ ବାରିକ, ଯତୀନ୍ଦ୍ର ନାଥ ସାହୁ, ରବୀନ୍ଦ୍ର ନାଥ ମିଶ୍ର , ସଞ୍ଜୟ କୁମାର ମିଶ୍ର, ରବୀନ୍ଦ୍ର ନାଥ ଖଟୁଆ, ଗଣେଶ ଚନ୍ଦ୍ର ସାହୁ, ଅଭୟ କୁମାର ରଣା ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନାରେ କମଳଲୋଚନ କର ଓ ଜଗନ୍ନାଥ ରାଜ ସହାୟତା କରିଥିଲେ। ଯୁଗ୍ମ ସମ୍ପାଦକ ସହଦେବ ଗିରି ଧନ୍ୟବାଦ ଦେଇଥିଲେ।

### ନୀଳଗିରି ଏନଏସି ଛାତ୍ର ବିଜେଡି ସଭାପତିଙ୍କ ପରଲୋକ

ନୀଳଗିରି, ୨୬।୯(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଛାତ୍ର ବିଜେଡି ସଭାପତି ଉମାଶଙ୍କର ରାଉତଙ୍କ ରବିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସୋମବାର ସକାଳେ ପରିବାର ଲୋକେ



ଜାଣିବା ପରେ ସଙ୍ଗେ ସଙ୍ଗେ ନୀଳଗିରି ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।ନୀଳଗିରି ଏନଏସି ୧୧ନଂ. ୱାର୍ଡ଼ର କାଉନ୍‌ସିଲର ରତିପ୍ରଭା ରାଉତଙ୍କ ସାନ ଭାଇ ଉମାଶଙ୍କର। ଶବ ବ୍ୟବଚ୍ଛେଦ ପରେ ମରଶରୀରକୁ ଶୋଭାଯାତ୍ରାରେ ତାଙ୍କ ବାସଭବନ କଦମ୍ବସାହିକୁ ନିଆଯାଇଥିଲା।

# ଠାକୁରାଣୀଙ୍କ ଦାସୀ ନାଁରେ ଆକ୍ରମଣ, ୩ ଗୁରୁତର

## ମନ୍ଦିର ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ବିରୋଧ

ବାଲିଆପାଳ, ୨୬।୯(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ରାମନଗର ରସଲପୁର ଗ୍ରାମର ଶୀତଳା ଠାକୁରାଣୀ ମନ୍ଦିର ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ବିରୋଧ କରି ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଗୋଟିଏ ଗୋଷ୍ଠୀ କାମ କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ବିରୋଧ କରି ଗୃହ ତିଆରି କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି। ଏନେଇ ଥାନାରେ ମାମଲା ହୋଇଛି। ସୋମବାର ସକାଳେ ଗୋଟିଏ ଗୋଷ୍ଠୀର ଜଣେ ମହିଳା ତାଙ୍କ ଉପରେ ମା' ସବାର ହୋଇଛନ୍ତି କହି ଦାସୀ ପଡ଼ିଥିଲେ। ବିଭିନ୍ନ ପ୍ରକାର ପ୍ରଳାପ କରି ଝୁଣାସରା ମୁଣ୍ଡାଇ ନାଚ କରି ଅନ୍ୟ ଗୋଷ୍ଠୀର ୩ଜଣଙ୍କ ଉପରକୁ ଝୁଣା ନିଆଁ ପକାଇଥିଲେ। ଆହତମାନେ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ରାମନଗର ରସଲପୁର ଗ୍ରାମରେ ୩ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନିର୍ମାଣ ହୋଇସାରିଥିବା ବେଳେ ବାକି ଥିବା ତୃତୀୟ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ୭ଲକ୍ଷ ଟଙ୍କା ଆସିଥିଲା। ଏହି ଗୃହ ଗ୍ରାମର ଶୀତଳା ଠାକୁରାଣୀ ମନ୍ଦିର ପରିସରରେ କରିବା ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ସହିତ ଗ୍ରାମର କେତେଜଣ ବ୍ୟକ୍ତିଙ୍କ ସମର୍ଥନରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକୁ ଗ୍ରାମର ଅଧିକାଂଶ ଲୋକ ବିରୋଧ କରିଆସୁଥିଲେ। ଏନେଇ ଗ୍ରାମର ଧୀରେନ୍ଦ୍ର ନାଥ ସାହୁ, ଗୋପାଳକୃଷ୍ଣ ବାରିକ, ସନ୍ନ୍ୟାସୀ ସାହୁ, ବୈକୁଣ୍ଠ ସାହୁ, ମୂରଲୀ ଚନ୍ଦ, ବାଞ୍ଛାନିଧି ସାହୁ, କମଳିନୀ ସାହୁ, ସ୍ନେହଲତା ସାହୁ, ମିନତୀ ଦେ, ସାବିତ୍ରୀ ବାରିକ, ବିଜୟ କୁମାର ପାତ୍ର, ଗୟାରାମ ଜେନାଙ୍କ ସହିତ ବହୁ ଗ୍ରାମବାସୀ ଶୀତଳା ଠାକୁରାଣୀ ମନ୍ଦିର ପରିସରରେ ଅଙ୍ଗନୱାଡ଼ି ଘର ହେଲେ ମନ୍ଦିର ପବିତ୍ରତା ନଷ୍ଟ ହେବ। ତେଣୁ ମନ୍ଦିର ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ରର ଗୃହ ନିର୍ମାଣ କରା ନ ଯାଇ ଅନ୍ୟତ୍ର କରାଯାଉ ବୋଲି ଦାବି କରି ଜିଲାପାଳ, ବିଡ଼ିଓ, ସିଡ଼ିପିଓଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ମନ୍ଦିର ପରିସରରେ କାର୍ଯ୍ୟ ଚାଲୁଥିବା ଜାଣି ଗତ ଶୁକ୍ରବାର ଗ୍ରାମର ଶତାଧିକ ମହିଳା ଏକାଠି ହୋଇ କାମ ବନ୍ଦ କରାଇଥିଲେ। କାମ ପାଇଁ ଆସିଥିବା ବାଲି, ଚିପ୍‌ସ, ଇଟା ଆଦି ଫୋପାଡ଼ି ଥିଲେ। ଫଳରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ କାମ ବନ୍ଦ କରିବା ପାଇଁ ବାଧ୍ୟ ହୋଇଥିଲେ। ଏହି କାମ ପାଇଁ କାର୍ଯ୍ୟାଦେଶ ଥିବା ବାଲିଆପାଳ ବ୍ଲକର କନିଷ୍ଠଯନ୍ତ୍ରୀ ପ୍ରେମାନନ୍ଦ ଚଇନି କାମ ପାଇଁ ଆସିଥିବା ଜିନିଷ ନଷ୍ଟ କରିବା ଅଭିଯୋଗରେ ଗ୍ରାମର ତପନ ଦେ, ଖଗେନ୍ଦ୍ର ଦେ, ଭବେନ୍ଦ୍ର ଦେ, ସୁନୀଲ ଦେ, ସନ୍ନ୍ୟାସୀ ସାହୁ ଓ ସବିତା ସାହୁଙ୍କ ନାମରେ କମର୍ଦ୍ଦା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣା ପରେ ସୋମବାର ସକାଳେ ସବିତା ସାହୁ ତାଙ୍କ ଉପରେ ମା' ସବାର ହୋଇଛନ୍ତି ବୋଲି କହି ଦାସୀ ପଡ଼ିଥିଲେ। ଗ୍ରାମର ମୁଖିଆ ନିର୍ମଳ ଦାସ ଓ ଅନ୍ୟମାନଙ୍କୁ ଡକାଇଥିଲେ। ମନ୍ଦିର ପରିସରରେ ନିର୍ମଳ ଦାସ ଓ ଅନ୍ୟମାନେ ପହଞ୍ଚିବା ପରେ ଦାସୀ ପଡ଼ିଥିବା ସବିତା ମୁଣ୍ଡାଇଥିବା ଝୁଣା ସରାରେ ନିର୍ମଳ ଦାସଙ୍କ ମୁଣ୍ଡରେ ଢାଳି ଦେଇଥିଲେ। ଏଥିରେ ନିର୍ମଳଙ୍କ ମୁହଁ ପୋଡ଼ିଯାଇଥିବା ବେଳେ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଅନ୍ୟ ୨ଜଣ ଦେବବ୍ରତ ଦାସ ଓ ଅଶୋକ ପଣ୍ଡାଙ୍କୁ ମଧ୍ୟ ସବିତା ଆକ୍ରମଣ କରି ଆହତ କରାଇଥିବା ଥାନାରେ ଅଭିଯୋଗ ହୋଇଛି। ଆହତମାନେ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଗ୍ରାମରେ ଉତ୍ତେଜନା ଲାଗି ରହିଛି। କମର୍ଦ୍ଦା ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ପରିସ୍ଥିତି ନିୟନ୍ତ୍ରଣରେ ରଖିଥିବା ଜଣାଯାଇଛି।

# ରାଜେଶଙ୍କ ଆଗରେ ହାର ମାନିଛି ଅକ୍ଷମତା

## ଦୃଢ଼ ଇଚ୍ଛାଶକ୍ତି ଫିଟାଇଛି ରୋଜଗାରର ବାଟ

କେନ୍ଦୁଝର,୨୬।୯(ଡି.ଏନ.ଏ.)

ଆଜିକା ଯୁବପିଢ଼ି ବିନା କର୍ମରେ ଅର୍ଥ ଉପାର୍ଜନ କଥା ଚିନ୍ତା କରୁଛନ୍ତି। ଶାରୀରିକ ଭାବେ ସକ୍ଷମ ହୋଇଥିଲେ ମଧ୍ୟ ମାତାପିତାଙ୍କ ରୋଜଗାର ଉପରେ ନିର୍ଭର କରନ୍ତି। କିନ୍ତୁ କେନ୍ଦୁଝର ସହରର ସାମନ୍ତରାୟପୁର ଶାସନ ନିବାସୀ ରାଜେଶ ମିଶ୍ର(୪୫) ଜଣେ ଦିବ୍ୟାଙ୍ଗ ହୋଇ ବି ନିଜକୁ ସକ୍ଷମ ସାବ୍ୟସ୍ତ କରି ପାରିଛନ୍ତି। ଅନ୍ୟ ଉପରେ ବୋଝ ନ ପାଲଟି ଏକ ସ୍ନାକ୍ସ ଦୋକାନ କରି ପରିବାର ଚଳାଇବାରେ ସମର୍ଥ ହୋଇ ପାରିଛନ୍ତି। ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଛି।

ପିଲାବେଳୁ ରାଜେଶଙ୍କ ଦୁଇଗୋଡ଼ ପୋଲିଓ ଆକ୍ରାନ୍ତ ହୋଇଥିଲା। ମାଟ୍ରିକ୍ ପାସ୍ ପରେ ୨୦୦୦ ମସିହାରୁ କେନ୍ଦୁଝର ନିୟୁ ମାର୍କେଟର ଦୁର୍ଗା ମନ୍ଦିର ଗଳିରେ ଏସ୍‌ଟିଡି ବୁଥ୍ କରି ବ୍ୟବସାୟ ଆରମ୍ଭ କରିଥିଲେ। ବ୍ୟବସାୟ ଠିକ୍ ଠାକ୍ ଚାଲୁଥିବା ବେଳେ ମୋବାଇଲର ବହୁଳ ବ୍ୟବହାର ତାଙ୍କ ବ୍ୟବସାୟ ଠପ୍ କରିଦେଲା। ରାଜେଶ ମଧ୍ୟ ସମୟ ସହିତ ତାଳଦେଇ ଏବେ ମା' ସ୍ନାକ୍ସ ଷ୍ଟୋର ନାମରେ ଏକ ଡ୍ରାଏଫୁଡ୍ ଦୋକାନ ସହ ଜେରକ୍ସ ମେଶିନ୍ ପକାଇ ନୂଆ ବ୍ୟବସାୟ ଆରମ୍ଭ କରିଛନ୍ତି। ପ୍ରତିଦିନ ପୂର୍ବାହ୍ନ ୧୦ଟାରେ ତିନି ଚକିଆ ସ୍କୁଟିରେ ନିଜର ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଇଥାନ୍ତି। ଅବଶ୍ୟ ସରକାରଙ୍କ ଠାରୁ ମାସିକ ୭ ଶହ ଟଙ୍କା ଦିବ୍ୟାଙ୍ଗ ଭତ୍ତା ପାଉଛନ୍ତି। ତାଙ୍କର ବଡ଼ଭାଇ ଯୋଡ଼ାରେ ଏକ କମ୍ପାନୀରେ ଚାକିରି କରୁଥିବା ବେଳେ ସାନଭଉଣୀଙ୍କ ବିବାହ ହୋଇ ସାରିଛି। ରାଜେଶ ବିବାହ କରିନାହାନ୍ତି। ବର୍ଷେ ପୂର୍ବେ ବାପା ଶ୍ରୀନିବାସ ମିଶ୍ରଙ୍କ ଦେହାନ୍ତ ପରେ ସେ ତାଙ୍କର ମାଆଙ୍କ ସାଙ୍ଗରେ ସାମନ୍ତରାୟପୁର ଶାସନର ନିଜ ବାସଭବନରେ ରହୁଛନ୍ତି। ଅଭିଭାବକ ତାଙ୍କ ଭବିଷ୍ୟତ ନେଇ ଚିନ୍ତାରେ ଥିବାବେଳେ ସେ କିନ୍ତୁ ସେମାନଙ୍କୁ ନିରୁତ୍ସାହିତ ନ ହେବା ପାଇଁ ବୁଝାଇଥାନ୍ତି ବୋଲି ନିଜେ ରାଜେଶ ପ୍ରକାଶ କରିଛନ୍ତି।



ଦିବ୍ୟାଙ୍ଗ ରାଜେଶ।

# ଚମ୍ପୁଆ ରେଞ୍ଜରେ ୭୨ ଟିକିଆ ହାତୀପଲ



ଚାଷ ଜମିରେ ହାତୀପଲ।

## ଲୋକେ ଭୟଭୀତ

ଚମ୍ପୁଆ,୨୬।୯(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଞ୍ଚଳରେ ୭୨ ଟିକିଆ ହାତୀପଲ ବୁଲୁଛନ୍ତି। ହାତୀପଲ ଦିନବେଳା ଘଞ୍ଚ ଜଙ୍ଗଲରେ ରହୁଥିବା ବେଳେ ସନ୍ଧ୍ୟା ହେଲେ ଜଙ୍ଗଲ ନିକଟବର୍ତ୍ତୀ ଚାଷ ଜମିରେ ପଶି ଫସଲ ନଷ୍ଟ କରୁଥିବା ଦେଖାଯାଇଛି। ହାତୀ ଆଗମନକୁ ନେଇ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଭୟର ବାତାବରଣ ଲାଗି ରହିଛି।

ସୂଚନା ଅନୁସାରେ ଚମ୍ପୁଆ ରେଞ୍ଜର ବାଲିବନ୍ଧ ସେକ୍ସନରେ ୫୯ ହାତୀ ରହିଥିବା ବେଳେ ବାମେବାରୀ ସେକ୍ସନରେ ୧୧ ଓ ଉଖୁଣ୍ଡା ସେକ୍ସନରେ ୨ ହାତୀ ରହିଛନ୍ତି। ବନ ବିଭାଗ ପକ୍ଷରୁ ୭ ଗାଡ଼ି ସହିତ ୨୦୦ ଗଜସାଥୀ ଏବଂ ହାତୀ ସ୍କ୍ୱାଡ୍ ହାତୀପଲ ଉପରେ ନଜର ରଖିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ଭାରପ୍ରାପ୍ତ ରେଞ୍ଜର ସଞ୍ଜୀବ ରାଉତଙ୍କୁ ପଚାରିବାରୁ କୁହନ୍ତି, ହାତୀମାନଙ୍କ ଉପରେ ନଜର ରଖାଯାଇଛି। ହାତୀ ଯେପରି ଜନବସତି ଆଡ଼କୁ ନ ଯାଆନ୍ତି ସେଥିପ୍ରତି ପଦକ୍ଷେପ ଗ୍ରହଣ କରାଯାଉଛି। ଲୋକ ଭିଡ଼ ଯୋଗୁ ହାତୀ ଚିଡ଼ିଚିଡ଼ା ହେଉଛନ୍ତି। ଏ ସବୁରୁ ନିବୃତ୍ତ ରହିବା ପାଇଁ ବିଭାଗ ପକ୍ଷରୁ ଲୋକଙ୍କୁ ଅନୁରୋଧ କରାଯାଇଛି। ଏକର ଏକର ଚାଷ ନଷ୍ଟ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ଡେଙ୍କିକୋଟ,୨୬।୯(ଡି.ଏନ.ଏ)

କେନ୍ଦୁଝର ଜିଲା ଡେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଭୋଳବେଡ଼ା ପଞ୍ଚାୟତର ଜଣେ ହାଇସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ଭୋଳବେଡ଼ା ଗ୍ରାମର ମନୋଜ ନାୟକ (୨୧)। ଅଭିଯୋଗ ମୁତାବକ ସେ ଜଣେ ଛାତ୍ରୀଙ୍କୁ ଏକ ତରଫା ପ୍ରେମ କରୁଥିଲେ। ତାଙ୍କୁ ଏକାକି ପାଇ ଅସଦାଚରଣ କରିଥିବା ଡେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ସବ୍ ଇନ୍ସପେକ୍ଟର ତରଣୀସେନ ବାଗଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଶ୍ରୀ ବାଗ ଘଟଣାର ତଦନ୍ତ କରି ମନୋଜ ନାୟକଙ୍କୁ ଗିରଫ କରି ଘଟଗାଁ ଥାନାରେ ମାମଲା (ନଂ .୨୦୮/୨୨ )ରୁଜୁ କରି କୋର୍ଟଚାଲାଣ କରିଛନ୍ତି ।

## ପୂଜା ପାଇଁ ଗାଡ଼ି ଚଳାଚଳରେ କଟକଣା

ବେତନଟୀ,୨୬।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀଠାରେ ସପ୍ତାହ ବ୍ୟାପି ଦୁର୍ଗା ପୂଜା ଓ ମେଳା ଅନୁଷ୍ଠିତ ହେବ। ଏଥିପାଇଁ ବଜାର ଅଞ୍ଚଳ ଚଳଚଞ୍ଚଳ ହୋଇ ପଡ଼ିଛି। ପୂଜା କମିଟିର କର୍ମକର୍ତ୍ତାମାନେ ମେଢ଼ ତିଆରି, ମଣ୍ଡପ ସାଜସଜ୍ଜା, ମେଳା ପ୍ରସ୍ତୁତି, ରାବଣ ପୋଡ଼ି ଉତ୍ସବ ଓ ଯାତ୍ରା ମଞ୍ଚ ଉପରେ ନଜର ରଖି ଶୃଙ୍ଖଳା ପାଇଁ ଏକ ମିଳିତ ନିଷ୍ପତ୍ତି ନେଇଛନ୍ତି। ଅଷ୍ଟମୀ ପୂଜାରୁ ଦଶହରା ପର୍ଯ୍ୟନ୍ତ ବେତନଟୀ ଚଣ୍ଡିଛକ ଓ ବସଷ୍ଟାଣ୍ଡ ବଜାର ମଧ୍ୟରେ ବସ୍, ଚାରିଚକିଆ ଯାନ ଚଳାଚଳ ଉପରେ କଟକଣା କରାଯାଇଛି। ବାଇକ୍‌ଗୁଡ଼ିକ ସନ୍ଧ୍ୟା ପରେ ଏହି ଅଞ୍ଚଳରେ ପ୍ରବେଶ ପାଇଁ ବାରଣ କରାଯାଇଛି।

# ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିବେଶ ସୁରକ୍ଷା ଉପରେ ଆଲୋଚନା

## ଭାରତ ବିକାଶ ପରିଷଦ ସାଳନ୍ଦୀ ଶାଖାର ବୈଠକ

ଭଦ୍ରକ ଅଫିସ,୨୬।୯

ଭାରତ ବିକାଶ ପରିଷଦ ସାଳନ୍ଦୀ ଶାଖାର ୨ୟ ବୈଠକ ଭଦ୍ରକ ସହର ଦିବ୍ୟମ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ଡା. ଦୁର୍ଯ୍ୟୋଧନ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଦିବଂଗତ ବିଧାୟକ ବିଷ୍ଣୁ ସେଠୀ ଓ ସାହିତ୍ୟିକ ଅଶୋକ ମହାନ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଭଦ୍ରକର ବିଶିଷ୍ଟ ଓ ବରିଷ୍ଠ ଲୋକ ବୈଠକରେ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିବେଶ ସୁରକ୍ଷା, ନାରୀ ସଚେତନତା, କଳା ଓ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଗୋବର୍ଦ୍ଧନ ସାମଲ, ସଙ୍ଗଠନ ସମ୍ପାଦକ ହରମୋହନ ଜେନା, ଅର୍ଥ ସମ୍ପାଦକ ବୈଲୋଚନ ବେହୁରିଆ, ଉପସଭାନେତ୍ରୀ ରାଧାରାଣୀ ମହାପାତ୍ରଙ୍କ ସମେତ ଡ. ଭାଗବତ ତ୍ରିପାଠୀ, ଶାନ୍ତି ନାଗ, ପ୍ରାଧ୍ୟାପକ ସନ୍ତୋଷ ଦାସ, ହରେକୃଷ୍ଣ ସାହୁ, ବିରଞ୍ଚି ନାରାୟଣ ମହାନ୍ତି, ଗୋଲକ ପ୍ରସାଦ ମହାନ୍ତି ପ୍ରମୁଖ ନିଜର ମନ୍ତବ୍ୟ ରଖିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିବେଶ, ନାରୀ ସଚେତନତା, କଳା ଓ ସଂସ୍କୃତିକୁ ନେଇ ୫ଟି କମିଟି ଗଠିତ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ



ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି।

ଭଣ୍ଡାରିପୋଖରୀ, ୨୬।୯(ସ୍ୱ.ପ୍ର.)

ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୋମବାର ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ସ୍ଥାନୀୟ ବିଧାୟକଙ୍କ ପ୍ରଚେଷ୍ଟାରେ ଡାକ୍ତରଖାନା ପରିସରରେ ପ୍ରାୟ ୧୩ କୋଟି ୧୫ ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିବା ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପ୍ରକୋଷ୍ଠଗୁଡ଼ିକୁ ଜିଲାପାଳ ବୁଲି ଦେଖିଥିଲେ। ଏହାସହ ୩୯ ଲକ୍ଷ ଟଙ୍କାରେ ନିର୍ମିତ ୩୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟର ମଧ୍ୟ ସେ ସମୀକ୍ଷା କରିଥିଲେ। ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ମେଡିକାଲ ଅଧିକାରୀ ଡା. କମଳାକାନ୍ତ ସ୍ୱାଇଁ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ୍ରାଫ୍ କର୍ମଚାରୀ ସୀତାରାମ ମୁର୍ମୁଙ୍କୁ ଶ୍ରଦ୍ଧାଞ୍ଜଳି

ଠାକୁରମୁଣ୍ଡା,୨୬।୯(ଡି.ଏନ.ଏ.)

କଟକ ମୁଣ୍ଡୁଳିଠାରେ ମହାନଦୀରେ ଫଶି ରହିଥିବା ହାତୀକୁ ଉଦ୍ଧାର ବେଳେ ବୋଟ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଷଷ୍ଠ ଓଏସ୍‌ଏପି ଓଡ୍ରାଫ୍ କର୍ମଚାରୀ ସୀତାରାମ ମୁର୍ମୁଙ୍କ ଶ୍ରାଦ୍ଧବାର୍ଷିକୀ ତାଙ୍କ ପୈତୃକ ଗ୍ରାମ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ ଡକେଇପାଳ ଗ୍ରାମର ମୁକ୍ତାଝରିଠାରେ ପାଳିତ ହୋଇଯାଇଛି। ଗତବର୍ଷ ମହାନଦୀରେ ଫସି ରହିଥିବା ହାତୀକୁ ଉଦ୍ଧାର କରିବାକୁ କଟକ ଓଡ୍ରାଫ୍ ଟିମ୍ ସହିତ ଯାଇଥିବା ସମୟରେ ବୋଟ ବୁଡ଼ିଯିବାରୁ ସୀତାରାମଙ୍କ ସମେତ ସାମ୍ବାଦିକ ଅରିନ୍ଦମ ଦାସ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ସୀତାରାମଙ୍କ ମରଶରୀରକୁ ଅଣାଯାଇ ତାଙ୍କ ଗ୍ରାମରେ ତୋପ ସଲାମୀ ଦେଇ ସତ୍କାର କରାଯାଇଥିଲା। ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ସୋମବାର ତାଙ୍କ ଶବ ସତ୍କାର ସ୍ଥାନରେ ସମାଧି ଓ ଘର ସମ୍ମୁଖରେ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ପାରମ୍ପରିକ ବାଦ୍ୟର ତାଳେତାଳେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଫୁଟବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୀତାରାମଙ୍କ ବିଧବା ସ୍ତ୍ରୀ, ପୁଅ, ଝିଅ,ବାପାଙ୍କ ସମେତ ପରିବାର ଓ ବନ୍ଧୁ ବାନ୍ଧବମାନେ ଉପସ୍ଥିତ ଥିଲେ।



ଗ୍ରାମବାସୀ ପାରମ୍ପରିକ ବାଦ୍ୟ ବଜାଇ ଗ୍ରାମ ପରିକ୍ରମା କରୁଛନ୍ତି। ।

# 'ବିଦ୍ୟାଳୟ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ହେଉ'

## ଦାବି କଲେ ଛାତ୍ରୀଛାତ୍ର, ଅଭିଭାବକ

ବନ୍ତ,୨୬।୯ (ଡି.ଏନ୍.ଏ.)

ବିଦ୍ୟାଳୟ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ଦାବିରେ ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ବିଟିପୁର ପଞ୍ଚାୟତ ଧାନଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ସୋମବାର ବ୍ଲକ ଶିକ୍ଷାଧିକାରୀଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ବନ୍ତସ୍ଥିତ ପିଏନ୍‌ବି ଛକଠାରୁ ସେମାନେ ପ୍ଲାକାର୍ଡ ଧରି ବଜାର ପରିକ୍ରମା କରିଥିଲେ। ଏହାପରେ ବିଇଓ ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସେମାନେ ଅଭିଯୋଗ କରିଛନ୍ତି ଯେ, ୨୦୦୮-୦୯ ମସିହାରେ ଉକ୍ତ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ୩ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ୨୦୧୦-୧୧ରେ ୭ଲକ୍ଷ ଟଙ୍କା ସରକାରୀ ଅନୁଦାନରେ ଗୃହ ନିର୍ମାଣ କରାଯାଇଥିଲା। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୩୬ ଛାତ୍ରୀଛାତ୍ର ପଢୁଥିଲେ। ହେଲେ ଉକ୍ତ ବିଦ୍ୟାଳୟ ଉଚ୍ଛେଦ ଓ ମିଶ୍ରଣ ନେଇ ୨୦୨୦ ମାର୍ଚ୍ଚ ୧୧ରେ ସରକାରୀ ନିର୍ଦ୍ଦେଶନାମା ହୋଇଥିଲା। ୨୦୨୦ ନଭେମ୍ବର ୫ରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବାରୁ ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲେ। ନଭେମ୍ବର ୧୩ରେ ହାଇକୋର୍ଟ ଉକ୍ତ ଆଦେଶନାମା ଉପରେ ରହିତାଦେଶ ଦେବା ସହ ୨୦୨୧ ମେ ୪ରେ ସରକାରଙ୍କ ନିର୍ଦ୍ଦେଶନାମାକୁ ଖାରଜ କରିଥିଲେ। ହେଲେ କୋର୍ଟଙ୍କ ଆଦେଶକୁ ବେଖାତିର କରି ପ୍ରଶାସନ ପକ୍ଷରୁ ଉକ୍ତ ବିଦ୍ୟାଳୟକୁ ଅନ୍ୟ ଏକ ସ୍କୁଲରେ ମିଶ୍ରଣ, ଶିକ୍ଷକମାନଙ୍କୁ ଅନ୍ୟତ୍ର ବଦଳି କରାଯିବା ସହ ଗତ ମାର୍ଚ୍ଚଠାରୁ ମଧ୍ୟାହ୍ନଭୋଜନ ଖାଦ୍ୟ ଓ ପୋଷାକ ବଣ୍ଟନ ବନ୍ଦ ରହିଛି। ଅଭିଭାବକ ଜ୍ୟୋତ୍ସ୍ନାରାଣୀ ଦାସ, ସରୋଜିନୀ ଦାସ, ମିନତି ଖମାରୀ, ଗାୟତ୍ରୀ ଖମାରୀ, ମନୀଷା ଦାସ, ସାର ବେଶ୍ରା, ମମତା ସାହୁଙ୍କ ସମେତ ବହୁ ଛାତ୍ରୀଛାତ୍ର ଧାରଣାରେ ସାମିଲ ହୋଇଥିଲେ। ସେମାନଙ୍କୁ ସମର୍ଥନ କରି ପ୍ରମୋଦ ଜେନା, ପ୍ରଭାସ ମହାପାତ୍ର, ପ୍ରତାପ ସେଠୀ, ରଙ୍ଗାଧର ସେଠୀ, ପ୍ରଭାତ ଖମାରୀ, ମାଧବାନନ୍ଦ ସାହୁ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ଶିକ୍ଷାଧିକାରୀ ମଞ୍ଜୁବାଳା ନାୟକ, ଏବିଇଓ ହରେକୃଷ୍ଣ ଆପଟ, ଆନ୍ଦୋଳନକାରୀଙ୍କ ପ୍ରତିନିଧି ପ୍ରଭାସ କୁମାର ମହାପାତ୍ର ଓ ପ୍ରତାପ ସେଠୀ ଆଲୋଚନା କରିଥିଲେ ମଧ୍ୟ ସମାଧାନର ରାସ୍ତା ବାହାରି ନ ଥିଲା। ରିପୋର୍ଟ ଲେଖାହେବା ବେଳକୁ ଧାରଣା ଜାରି ରହିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମଞ୍ଜୁବାଳା ନାୟକ କହିଛନ୍ତି, ସରକାରୀ ନିର୍ଦ୍ଦେଶନାମା ଅନୁସାରେ ଏପରି ପଦକ୍ଷେପ ନିଆଯାଇଥିବା ବେଳେ ଉଚ୍ଚ ନ୍ୟାୟାଳୟରେ ମାମଲା ଚାଲୁ ରହିଛି। ତେବେ ତଦନ୍ତ କରି ଜିଲା ପ୍ରଶାସନକୁ ରିପୋର୍ଟ ଦିଆଯିବ।



ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଇଓ ଅଫିସ ଆଗରେ ଧାରଣାରେ ବସିଛନ୍ତି।

**ମହିଳାଙ୍କୁ ଯୌତୁକ ନିର୍ଯାତନା**

କୁଆମରା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଆମରା ଗ୍ରାମର ଜଣେ ମହିଳାଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ କୁଆମରା ଫାଣ୍ଡିରେ ଅଭିଯୋଗ ହୋଇଛି। ବଡ଼ସାହି ଥାନା ଅଧୀନ ଅସ୍ତପୁରା ଗ୍ରାମର ପ୍ରଶାନ୍ତ ଦେହୁରୀଙ୍କ ଝିଅ କାଇଁଚ (୨୦) ଗତ ୨୦୨୧ ମାର୍ଚ୍ଚରେ ଖୁଣ୍ଟା ଥାନା ଅନ୍ତର୍ଗତ କୁଆମରା ଗ୍ରାମର ହରିଶ ଚନ୍ଦ୍ର ବେହେରାଙ୍କ ପୁଅ ସାନୁଙ୍କୁ ବିବାହ କରିଥିଲେ। ତେବେ ବିବାହର ବର୍ଷେ ପରେ ଅଧିକ ଯୌତୁକ ପାଇଁ ଶାଶୁ, ଶ୍ୱଶୁର ଓ ସ୍ୱାମୀ ନିର୍ଯାତନା ଦେଉଥିବା କାଇଁଚ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ରେଳ ଟିକେଟ୍ କଳାବଜାର ଅଭିଯୋଗରେ ଜଣେ ଗିରଫ

ବଡ଼ବିଲ,୨୬।୯(ସ୍ୱ.ପ୍ର.):କେନ୍ଦୁଝର ଜିଲା ବଡ଼ବିଲ ମେନ୍‌ରୋଡ ସ୍ଥିତ ରେଳବାଇର ଇ-ଟିକେଟ୍ କାଉଣ୍ଟରରେ ରେଳବାଇ ପୋଲିସ ଚଢ଼ାଉ କରି ରେଳ ଟିକେଟ୍ କଳାବଜାରୀ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଏମ୍‌ଡି ଅବସର ମକସୁଦ। ତାଙ୍କ ନିକଟରୁ ଇ-ଟିକେଟ୍‌ରେ ବ୍ୟବହୃତ ଏକ କମ୍ପ୍ୟୁଟର, ମୋବାଇଲ ସହ ଅନେକ ଇ-ଟିକେଟ୍ ଜବତ ହୋଇଛି। ବଡ଼ବିଲ ମେନ୍‌ରୋଡଠାରେ ସିବି ଟ୍ରାଭେଲ୍ସ ନାମକ ରେଳବାଇର ସ୍ୱୀକୃତି ପ୍ରାପ୍ତ ଇ-ଟିକେଟ୍ କାଉଣ୍ଟର ରହିଛି। ମାତ୍ର ଏଠାରେ ରେଳବାଇର ନିୟମାନୁଯାୟୀ ଇ-ଟିକେଟ୍ କରା ନ ଯାଇ ଭିନ୍ନ ଭିନ୍ନ ଆଇଡିରେ ରେଳ ଟିକେଟ କରି ଯାତ୍ରୀଙ୍କଠାରୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଉଥିଲା। ଅଭିଯୋଗ ଆଧାରରେ ଝାଡ଼ଖଣ୍ଡ ଚକ୍ରଧରପୁର ରେଳବାଇ ଡିଭିଜନରୁ ଏକ ସ୍ୱତନ୍ତ୍ର (ରେଳବାଇ ସୁରକ୍ଷା ବଳ) ଆରପିଏଫ୍ ଟିମ୍ ଚଢ଼ାଉ କରିଥିଲା।

### ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଜବତ, ଚାଳକ ଗିରଫ

ପଦ୍ମପୁର, ୨୬।୯(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ଜଗନ୍ନାଥପ୍ରସାଦ ପଞ୍ଚାୟତର ହତାଶିଆ ଛକଠାରେ ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏଥିସହ ଗାଡ଼ି ଚାଳକ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳର ଅନାର ସିଂଙ୍କୁ ଗିରଫ ପରେ ସୋମବାର କୋର୍ଟଚାଲାଣ କରିଛି। ସୂଚନା ମୁତାବକ ଚୋରା କୋଇଲା ବୋଝେଇ ପିକ୍‌ଅପ୍‌ଟି ତିହିଡ଼ି ଅଞ୍ଚଳରୁ ଆସୁଥିବା ବେଳେ ଖବରପାଇ ନାୟକାଣିଡିହୀ ଥାନା ଏଏସ୍‌ଆଇ ଦେବେନ୍ଦ୍ର ମୁର୍ମୁ, ସୁନାରାମ ମାରାଣ୍ଡି, କନଷ୍ଟେବଲ ଅନୀଲ ନାୟକ, ନିରଞ୍ଜନ ନାୟକ ପ୍ରମୁଖ ଜଗି ରହିଥିଲେ। ହତାଶିଆ ଛକଠାରେ ପିକ୍‌ଅପ୍‌ଟି ପହଞ୍ଚିବା ପରେ ଅଟକାଇ ଥାନାକୁ ନେଇଥିଲେ। ଗାଡ଼ିରେ ୧୬ କୁଇଣ୍ଟାଲ କୋଇଲା ଥିଲା। ଏନେଇ ଥାନାରେ ମାମଲା (ନଂ.୨୨୭/୨୨) ରୁଜୁ ହୋଇଛି।

### ପୋଖରୀରେ ବୁଡ଼ି ତୀର୍ଥଯାତ୍ରୀଙ୍କ ମୃତ୍ୟୁ

ଢେଙ୍କିକୋଟ,୨୬।୯(ଡି.ଏନ୍.ଏ): କେନ୍ଦୁଝର ଜିଲା ଘଟଗାଁ ଥାନା ଅଧୀନ ଘଟଗାଁ ମା' ତାରିଣୀ ଠାକୁରାଣୀଙ୍କୁ ଦର୍ଶନ ନିମନ୍ତେ ଆସିଥିବା ଜଣେ ତୀର୍ଥଯାତ୍ରୀଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ କୋରାପୁଟ ଜିଲା ବିଏସପୁର ଥାନା ଅନ୍ତର୍ଗତ କାମଡ଼ା ଗ୍ରାମର ଅଜିତ ଭଞ୍ଜଙ୍କ ପୁଅ ଧିରେନ(୧୪)। ମା' ତାରିଣୀଙ୍କ ଦର୍ଶନ ନିମନ୍ତେ କୋରାପୁଟରୁ ଆସିଥିବା ତୀର୍ଥଯାତ୍ରୀ ଘଟଗାଁ କଲେଜ ନିକଟସ୍ଥ ରାସ୍ତାକଡ଼ ପୋଖରୀରେ ଗାଧୋଉଥିବା ବେଳେ ଧିରେନ ବୁଡ଼ି ଯାଇଥିଲେ। ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ଘଟଗାଁ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ ବାହିନୀର ଅଫିସର ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଦଳବଳ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି। ଥାନା ଆଇଆଇସି ପ୍ରତିଭା ମଞ୍ଜରୀ ସାହୁ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୫୨/୨୨) ରୁଜୁ କରିଛନ୍ତି।

# ରୋଗୀ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

**ଚିକିତ୍ସା ଅବହେଳା ଅଭିଯୋଗ**

ବାରିପଦା ଅଫିସ,୨୬।୯

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ସୋମବାର ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକେ ଡାକ୍ତରଖାନାରେ ପହଞ୍ଚି ଦାୟିତ୍ୱରେ ଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ରୋଗୀ ସମ୍ପର୍କୀୟ ଓ ମେଡିକାଲ କର୍ମଚାରୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପୋଲିସ ପହଞ୍ଚି ବୁଝାସୁଝା



ଉତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାସୁଝା କରୁଛି।

କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ, ପେଟ ଯନ୍ତ୍ରଣା ହେବାରୁ ନଚୁଆପାଳ ଗ୍ରାମର ସୁକୁମତି ରଣାଙ୍କୁ ପରିବାର ଲୋକେ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଯନ୍ତ୍ରଣା ପ୍ରଶମିତ ନ ହେବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ମାତ୍ର ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ସୁକୁମତିଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହ ରୋଗୀ ସମ୍ପର୍କୀୟ ଓ କର୍ମଚାରୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଡାକ୍ତରଖାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

# ମହିଳାଙ୍କ ଘରେ ପଶି ହୋମଗାର୍ଡଙ୍କ ବଳାତ୍କାର ଉଦ୍ୟମ

ଖଇରା, ୨୬।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନାରେ କାର୍ଯ୍ୟରତ ଜଣେ ହୋମଗାର୍ଡ ଜଣେ ମହିଳାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିଥିଲେ। ଉକ୍ତ ମହିଳା ଏହାର ପ୍ରତିରୋଧ କରି ଏକ କଟୁରୀରେ ଆକ୍ରମଣ କରିବାରୁ ସେ ଫେରାର ହୋଇଯାଇଥିବା ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସୋମବାର ଅପରାହ୍ନରେ ସମ୍ପୃକ୍ତ ହୋମଗାର୍ଡ ମହିଳାଙ୍କ ଘରକୁ ଯାଇ ତାଙ୍କ ଭଉଣୀ ଫର୍ମ ଭୁଲ୍ ଥିବା କହି ଭଉଣୀ ଫର୍ମ ଆଣିବାକୁ କହିଥିଲେ। ସେ ଘର ଭିତରକୁ ଯିବା ପରେ ହୋମଗାର୍ଡ ବଳାତ୍କାର ଉଦ୍ୟମ କରିଥିଲେ। ମହିଳାଜଣକ ପାଖରେ ପଡିଥିବା ଧାରୁଆ କଟୁରୀରେ ତାଙ୍କୁ ଆକ୍ରମଣ କରିବାରୁ ସେ ଆହତ ହୋଇ ୟୁନିଫର୍ମ ଛାଡି ଦୌଡି ପଳାଇଥିଲେ। ଅନ୍ୟପକ୍ଷେ ସମ୍ପୃକ୍ତ ହୋମଗାର୍ଡଙ୍କ ପୁଅ ଖଇରା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ତାଙ୍କ ବାପା ଉଧାର ପଇସା ମାଗିବା ପାଇଁ ମହିଳାଙ୍କ ଘରକୁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି।

# ଷ୍ଟାଇପେଣ୍ଡ୍ ଦାବିରେ ରାସ୍ତାରୋକୋ



ରାସ୍ତାରୋକୋ କରିଥିବା ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା।

ବାରିପଦା ଅଫିସ,୨୬।୯

ମୟୂରଭଞ୍ଜ ଜିଲାର ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ଦାବି ନେଇ ସୋମବାର ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ୧୮ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ୨୦୨୧-୨୨ଶିକ୍ଷା ବର୍ଷରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ଅଦ୍ୟାବଧି ଷ୍ଟାଇପେଣ୍ଡ ଟଙ୍କା ପାଇନାହାନ୍ତି। ଫଳରେ ଅର୍ଥାଭାବରୁ ଚଳିତ ଶିକ୍ଷା ବର୍ଷରେ ପୁନଃ ନାମ ଲେଖା ଓ ପରୀକ୍ଷା ନିମନ୍ତେ ଫର୍ମ ପୂରଣ କରି ପାରୁନାହାନ୍ତି। ଅଦ୍ୟାବଧି ଜିଲାର ୮୦ପ୍ରତିଶତ ଛାତ୍ରୀଛାତ୍ର ଉକ୍ତ ଟଙ୍କା ପାଇ ନ ଥିବା ବେଳେ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହାର ପ୍ରତିବାଦରେ ସଙ୍ଗଠନ ପକ୍ଷରୁ ପୂର୍ବ ଘୋଷଣା ଅନୁଯାୟୀ ଧରମରାଜ ହାଁସଦାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିରେ ଜିତରାୟ ମୁର୍ମୁ, ସୋମୁ ହାଁସଦା, ରାଜେନ୍ଦ୍ର ହାସଦା, ଘାନେ ମାର୍ଣ୍ଡି, ଦିଲ୍ଲୀପ ସୋରେନ, ସ୍ୱପ୍ନା ନାଏକଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।

# ପାର୍କ ନିର୍ମାଣ ପାଇଁ କ୍ଷେତ୍ର ପରିଦର୍ଶନ

ବାସୁଦେବପୁର, ୨୬।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ପକ୍ଷରୁ ସହରର କଚେରି ବଜାର ନିକଟସ୍ଥ ସାଆଁତାଣିପୋଖରୀ ନିକଟରେ ଏକ ପାର୍କ ନିର୍ମାଣ ପାଇଁ ସୋମବାର କ୍ଷେତ୍ର ପରିଦର୍ଶନ କରାଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୌରାଧ୍ୟକ୍ଷା ନିବେଦିତା ବେହେରା, ବିଧାୟକ ପ୍ରତିନିଧି ଅସିତ କୁମାର ଦାସ, ପୌର ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ସାମାଜିକ କର୍ମୀ ଶୁଭେନ୍ଦୁ ଭୂଷଣ ବେହେରା, ଯୁବନେତା ମାନସ ରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ନେତୃମଣ୍ଡଳୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପୌରପାଳିକାକୁ ସରସ ସୁନ୍ଦର ଭାବେ ଗଢ଼ି ତୋଳିବା ନିମନ୍ତେ ସହର ମଧ୍ୟରେ ଏକ ଉନ୍ନତମାନର ପାର୍କ ପ୍ରତିଷ୍ଠା ପାଇଁ କ୍ଷେତ୍ର ପରିଦର୍ଶନ ପରେ ସହରବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ୨୯ରେ କଂଗ୍ରେସର ବ୍ଲକ ଘେରାଉ

ରୂପସା, ୨୬।୯(ଡି.ଏନ.ଏ.)

ବିଭିନ୍ନ ଦାବି ନେଇ ଆସନ୍ତା ୨୯ ତାରିଖରେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଫିସ ଘେରାଉ ପାଇଁ କଂଗ୍ରେସ ଡାକରା ଦେଇଛି। ସାଧାରଣ ଲୋକଙ୍କୁ ସରକାରୀ ସୁବିଧା ଯୋଗାଇବାରେ ବ୍ଲକ କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରାଯାଇଛି। ଏହି ବ୍ଲକ ଅଫିସ ଏବେ ଶାସକ ଦଳ ନେତା ଓ କର୍ମୀଙ୍କ କାର୍ଯ୍ୟାଳୟ ପାଲଟିଛି ବୋଲି ସୋମବାର ବାହାର୍ଦ୍ଦା ଡାକବଙ୍ଗଳାରେ ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ କଂଗ୍ରେସ ନେତା ତଥା ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଓ ବିଧାନସଭା କ୍ଷେତ୍ର ନେତା ବିଜନ ନାୟକ ଅଭିଯୋଗ କରି ପ୍ରଶାସନ ଉପରେ ବର୍ଷିଛନ୍ତି। ସାଧାରଣ ଲୋକେ ବ୍ଲକ ଅଫିସରୁ ନ୍ୟାୟ ପାଉନାହାନ୍ତି। ବନ୍ୟା ହେବାର ମାସେ ପରେ ବି ଲୋକଙ୍କୁ ପଲିଥିନ୍ ଖଣ୍ଡେ ମିଳିନାହିଁ। ଟାଟା ପାୱାର ସରକାରଙ୍କ ପ୍ରୋତ୍ସାହନରେ ବିଜୁଳି ଉପଭୋକ୍ତାମାନଙ୍କୁ ମନଇଚ୍ଛା ଶୋଷଣ କରୁଛି ବୋଲି ଦାସ କହିଥିଲେ। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜଳକା, ପଳପଳା, କଙ୍କୁଡି ଆଦି ନଦୀନାଳର ପୁନରୁଦ୍ଧାର ଜରୁରୀ ବୋଲି କହିଥିଲେ। ଏଗୁଡ଼ିକର ପୁନରୁଦ୍ଧାର ପାଇଁ ଡ୍ରେନେଜ ବିଭାଗ ଦ୍ୱାରା କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ନିମ୍ନମାନର ଯୋଗୁ ଲୋକଙ୍କୁ ସୁଫଳ ମିଳିନାହିଁ। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ନାୟକ ଦାବି କରିଛନ୍ତି। ବ୍ଲକ ସଭାପତି ସତ୍ୟନାରାୟଣ ଗୁପ୍ତା ପୌରୋହିତ୍ୟ କରିଥିଲେ। ସମ୍ମିଳନୀରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ମହିଳା ନେତ୍ରୀ ଅଞ୍ଜଳି ପ୍ରଧାନ, କଂଗ୍ରେସ ନେତା ମନୋଜ ମହାନ୍ତି, ଜୟନ୍ତ ମହାପାତ୍ର, ଜଗଦୀଶ ସାହୁ, କମଳଲୋଚନ ଜେନା, ଅବିନାଶ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଖୋଲିବ କୃଷି ବ୍ୟବସାୟ ପ୍ରବନ୍ଧନ ପାଠ୍ୟକ୍ରମ

ବାଲେଶ୍ୱର ଅଫିସ, ୨୬।୯

ବାଲେଶ୍ୱର ଫକୀରମୋହନ (ଏଫ୍‌ଏମ୍) ବିଶ୍ୱବିଦ୍ୟାଳୟ ଅଧୀନ ସ୍ନାତକୋତ୍ତର ଜୈବବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଆନୁକୂଲ୍ୟରେ ଏକ କୃଷି ଓ କୃଷିଭିତ୍ତିକ ବ୍ୟବସାୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ଜୈବବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମୁଖ୍ୟ ଡ.ଏଲସା ପଣ୍ଡିତ କାର୍ଯ୍ୟକ୍ରମ ଓ ଏହାର ଭବିଷ୍ୟତ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜୈବବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ସହକାରୀ ପ୍ରାଧ୍ୟାପିକା ଡ. ପୁନମ କୁମାରୀ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଭାରତୀୟ କୃଷି ଗବେଷଣା ପରିଷଦ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ କଟକର ନିର୍ଦ୍ଦେଶକ ଡ. ଭାସ୍କର ଚନ୍ଦ୍ର ପାତ୍ର ଯୋଗଦେଇ କୃଷି ଭିତ୍ତିକ ବ୍ୟବସାୟ ମାଧ୍ୟମରେ ଜଣେ ନିଜକୁ ସ୍ୱାବଲମ୍ବୀ କରାଇବା ସହ ଅନ୍ୟମାନଙ୍କୁ ରୋଜଗାର ପନ୍ଥା



କର୍ମଶାଳାରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟ ଅତିଥିମାନେ।

ଯୋଗାଇବାରେ ସକ୍ଷମ ହୋଇଥାଏ। କୃଷିର ବିକାଶ ତଥା ଭାରତକୁ କୃଷି କ୍ଷେତ୍ରରେ ଆତ୍ମନିର୍ଭର କରିବାରେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ପ୍ରମୁଖ ଭୂମିକା ରହିଛି। ଆସନ୍ତାଦିନରେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପର୍ଯ୍ୟାୟକ୍ରମେ ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ମିଳିତ ଭାବରେ କୃଷି ଓ କୃଷିଭିତ୍ତିକ ଗବେଷଣାକୁ ଆହୁରି ବଳବତ୍ତର କରିବା ଆବଶ୍ୟକ। ବିଶ୍ୱବିଦ୍ୟାଳୟରେ ଏକ କୃଷି ବ୍ୟବସାୟ ପ୍ରବନ୍ଧନ ବିଭାଗର ପ୍ରୟୋଜନୀୟତା ଉପରେ ମତ ରଖିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ପ୍ରସ୍ତାବରେ ସହମତି ପ୍ରକାଶ କରି ଆସନ୍ତା ଶିକ୍ଷାବର୍ଷଠାରୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ କୃଷି ବ୍ୟବସାୟ ପ୍ରଭନ୍ଧନ ବିଭାଗ ଆରମ୍ଭ କରାଯିବ ବୋଲି କହିଥିଲେ। ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ପ୍ରଧାନ ବୈଜ୍ଞାନିକ ଡ. ଆନି ପୁନମ କୃଷି ଭିତ୍ତିକ ବ୍ୟବସାୟର ବିଭିନ୍ନ ଦିଗ ତଥା ସମ୍ଭାବନା ଉପରେ ଶିକ୍ଷୟତ୍ରୀଶିକ୍ଷକ ତଥା ଛାତ୍ରୀଛାତ୍ରମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଯୋଗଦେଇ ଜୈବବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଆନୁକୂଲ୍ୟରେ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ ବିଭାଗର ସହଯୋଗୀ ପ୍ରାଧ୍ୟାପକ ଡ. ଭାସ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଭିନ୍ନକ୍ଷମ ଚିହ୍ନଟ ଶିବିର

ଯୋଡା,୨୬।୯(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ପରିସରରେ ସୋମବାର ଯୋଡ଼ା ବ୍ଲକ୍ ଓ ଯୋଡ଼ା ପୌରପାଳିକାକୁ ନେଇ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ ଓ ଯୋଡ଼ା ବିଡିଓ ଜଗନ୍ନାଥ ହନୁମାନ ଉଦ୍‌ଘାଟନ କରିଥିଲେ। ଡ. ଟି. ମଲ୍ଲିକ, ଡ. ଆରଆର ଭଞ୍ଜ, ଡ. ଏନଆର ରଥ, ଡ. ଏଏମ ଜେନା ଓ ମାନସ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମ ଚିହ୍ନଟ କରିଥିଲେ। ଯୋଡ଼ା ବ୍ଲକ୍‌ର ହାତ ଓ ଗୋଡ଼ ଅକ୍ଷମ ୩୮, ମୁକ ଓ ବଧିର ପୀଡ଼ି ୯, ମାନସିକ ଅନଗ୍ରସର ୯, ଚକ୍ଷୁ ପୀଡ଼ିତ ୪, ସମ୍ପୂର୍ଣ୍ଣ ଭିନ୍ନକ୍ଷମ ୨ ଜଣ ଚିହ୍ନଟ ହୋଇଥିବା ବେଳେ କୃତ୍ରିମ ଅଙ୍ଗ ନିମନ୍ତେ ୨୫ ଜଣ ଚିହ୍ନଟ ହୋଇଥିଲେ। ଯୋଡ଼ା ପୌରପାଳିକାରେ ହାତ ଓ ଗୋଡ଼ ଅକ୍ଷମତା ୧୯, ମାନସିକ ଅନଗ୍ରସର ୭, ମୁକ ଓ ବଧିର ୧୯ ଓ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ୧ ଓ ୨ଜଣ କୃତ୍ରିମ ଅଙ୍ଗ ନିମନ୍ତେ ଚିହ୍ନଟ ହୋଇଛି। ଗ୍ରାମାଞ୍ଚଳରୁ ୮୭, ସହରାଞ୍ଚଳରୁ ୪୬ ଜଣ ଚିହ୍ନଟ ହୋଇଥିଲେ। ଯୋଡ଼ା ପୌରପାଳିକାର ସଞ୍ଜୟ ଚାଟାର୍ଜୀ, ଦେବାଶିଷ ଗିରି, ଯୋଡ଼ା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ସରିତା ବେହେରା, କନିଷ୍ଠ କିରାଣୀ ବନ୍ଦନା ଗିରି, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଲିଲେନ ବାରିକ, ଯୋଡ଼ା ବ୍ଲକ୍ ଜିପିଓ କାହ୍ନୁ ମାଝୀ,ଏପିଓ ଭୀମସେନ ମହାନ୍ତଙ୍କ ସମେତ ସମସ୍ତ ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ।



ଶିବିରରେ ଯୋଗ ଦେଇଥିବା ଦିବ୍ୟାଙ୍ଗ ଓ ସେମାନଙ୍କ ସମ୍ପର୍କୀୟ।

# ବଡ଼ ସରକାର ବାବାଙ୍କ ଫାତେହା ସମାରୋହ

ଭଦ୍ରକ ଅଫିସ, ୨୬।୯

ଭଦ୍ରକ ବାଇପାସ୍ ରୋଡ୍‌ସ୍ଥିତ ସରକାରନଗର ଖନକାହଠାରେ ସିଦ୍ଧ ପୁରୁଷ ସୈୟଦ ଶାହା ନସିମ ଅଖତର କାଦରୀ ଓରଫ ହଜରତ ବଡ଼ ସରକାର ବାବାଙ୍କ ୮ମ ବାର୍ଷିକ ଫାତେହା ପର୍ବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ଯୋଗ ଦେଇଥିଲେ। ଉତ୍ସବର ପୂର୍ବଦିନ ଭକ୍ତମାନେ ଖାନକାହ କମିଟିରେ ଭୋଗ ପାଇଁ ଫଳ ସାମଗ୍ରୀ ଆଣି ପହଞ୍ଚାଇଥିଲେ। ଅର୍ଦ୍ଧରାତ୍ରରେ ବଡ଼ ସରକାର ବାବାଙ୍କ ସମାଧି ପୀଠରେ ଜଳ ଲାଗି ଗୋସଲଖାନୀ କରି ଚାଦର ଚଢ଼ାଯାଇଥିଲା। ସକାଳ ନମାଜ ପାଠ ସାରି କୋରାନଖାନୀ, ମିଲାଦ ଶରିଫ ଏବଂ ଫାତେହା କାର୍ଯ୍ୟକ୍ରମ ସରିଲା ପରେ ସମସ୍ତ ଭକ୍ତଙ୍କୁ ଶିରିଣି (ଫଳ ପ୍ରସାଦ) ବଣ୍ଟନ କରାଯାଇଥିଲା। ସକାଳ ୧୦ରୁ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଭକ୍ତମାନେ ଚାଦର ଶୋଭାଯାତ୍ରା କରି ଚାଦର ଚଢ଼ାଇଥିଲେ। ଭକ୍ତମାନଙ୍କ ପାଇଁ ଖାନକାହଠାରେ ଫ୍ରି ଟି ଷ୍ଟଲ 'ବଜମେ ହବିବ' ତରଫରୁ ଲଙ୍ଗର ବ୍ୟବସ୍ଥା କରାଯାଇଥିଲା। ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ ଉପସ୍ଥିତ ରହି ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ସମେତ ବହୁ ରାଜନେତା ଏଥିରେ ଯୋଗ ଦେଇଥିଲେ। କାଦରୀ ବିରାଦରାନ ଆନୁକୂଲ୍ୟରେ ଓଡ଼ିଶାର ସୁପ୍ରସିଦ୍ଧ ତଥା ଭଦ୍ରକ ଅଦବି ମରକଜର କବି ମୁସ୍ତାକ ଗୌହରଙ୍କ ସଞ୍ଚାଳନାରେ ଧର୍ମସଭା ଆୟୋଜନ କରାଯାଇଥିଲା। ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ହାଇଦ୍ରାବାଦରୁ ମୌଲାନା ସୈୟଦ ଆଲେ ମୁସ୍ତାଫା କାଦରୀ, କର୍ଣ୍ଣାଟକରୁ ମୌଲାନା ସୈୟଦ ମହମ୍ମଦ ତନୱିର ହାସମୀ, ମହାରାଷ୍ଟ୍ରରୁ ମୌଲାନା ସୈୟଦ ଆଲମଗିର ଅସରଫ ଏବଂ ବିଭିନ୍ନ ରାଜ୍ୟରୁ କବିମାନେ ଏଥିରେ ଯୋଗଦେଇ ବଡ଼ ସରକାର ବାବାଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଏସ୍‌ପି ଚରଣ ସିଂ ମୀନାଙ୍କ ତତ୍ତ୍ୱାବଧାନରେ ସହରର ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ ରହିଥିଲେ।



ଧର୍ମସଭାରେ ମୌଲାନାମାନେ।

# ଅଭିଭାବକ-ଶିକ୍ଷୟିତ୍ରୀ ହାତାହାତି

**ବିଦ୍ୟାଳୟରୁ ଚୋରିକୁ ନେଇ ଉତ୍ତେଜନା**

**■ଦୁଇ ଆହତ ମେଡିକାଲରେ ଭର୍ତ୍ତି**

**■ଘଟଣାସ୍ଥଳରେ ବିଇଓ, ପୋଲିସ**

ଆନନ୍ଦପୁର,୨୬।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅଧୀନ ପଦ୍ମପୁର ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବିଦ୍ୟାଳୟର ସାମଗ୍ରୀ ଚୋରିକୁ ନେଇ ଅଭିଭାବକ ଓ ଜଣେ ଶିକ୍ଷୟିତ୍ରୀ ହାତାହାତି ହୋଇଛନ୍ତି। ଉଭୟ ଆହତ ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଖବରପାଇ ଆନନ୍ଦପୁର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଏବଂ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସୂଚନା ଅନୁଯାୟୀ, ବିଦ୍ୟାଳୟ କମ୍ପ୍ୟୁଟର ରୁମ୍‌ର କିଛି କାର୍ପେଟକୁ ବଦଳାଯାଇଥିଲା। ପୁରୁଣା କାର୍ପେଟ ଗୁଡ଼ିକୁ ଜଣେ ଶିକ୍ଷୟିତ୍ରୀ ଏକ ବସ୍ତାରେ ପୂରାଇ ଗତ ଶନିବାର ସନ୍ଧ୍ୟାରେ କେତେଜଣ ଛାତ୍ରଙ୍କ ହାତରେ ନିଜ ଘରକୁ ପଠାଇଥିଲେ। ପିଲାମାନେ ସାଇକେଲ ଯୋଗେ ସାମଗ୍ରୀକୁ ନେବା ସମୟରେ ଗ୍ରାମବାସୀ ଦେଖି ପଚରାଉଚରା କରିବାରୁ ଛାତ୍ରମାନେ ସବୁ କଥା କହିଥିଲେ। ପରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ସିଆରସିସି ବିଶ୍ୱ ଭୂଷଣ ରାଉତ ଘଟଣାସ୍ଥଳରେ ପହଞ୍ଚି ସାମଗ୍ରୀ ଅଟକ ରଖିଥିଲେ। ଘଟଣାର ସମାଧାନ ନିମନ୍ତେ ସୋମବାର ପ୍ରଧାନଶିକ୍ଷକ ବଙ୍କିମ ଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ଅଭିଭାବକଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ସିଆର୍‌ସିସି ଉପସ୍ଥିତ ଥିଲେ। ସାମଗ୍ରୀ ନେଇ ଯାଉଥିବା ସମ୍ପୃକ୍ତ ଛାତ୍ରମାନଙ୍କୁ ଡକାଯିବା ପରେ ଏଥିରେ ସାମିଲ ଶିକ୍ଷୟିତ୍ରୀଙ୍କ ନାମ ପଦାକୁ ଆସିଥିଲା। ପରେ ଅଭିଭାବକମାନେ ବିଦ୍ୟାଳୟରେ ପୂର୍ବରୁ ଚୋରି ହୋଇଥିବା ବିଭିନ୍ନ ସାମଗ୍ରୀ ଘଟଣାରେ ଶିକ୍ଷୟିତ୍ରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଘଟଣାର ସମାଧାନ ପାଇଁ ପ୍ରଧାନଶିକ୍ଷକ ଓ ସିଆର୍‌ସିସି ଅଫିସ୍‌ରେ ଆଲୋଚନା କରିବା ସମୟରେ ବୈଠକ ସ୍ଥଳରେ ଅଭିଭାବକ ଓ ଉକ୍ତ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ବଚସା ପରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଶିକ୍ଷୟିତ୍ରୀ ଜଣକ ପାଣି ବୋତଲରେ ଜଣେ ମହିଳା ଅଭିଭାବକଙ୍କୁ ଆକ୍ରମଣ କରିଥିବା ବେଳେ ଜଣେ ମହିଳା ଅଭିଭାବକ ମଧ୍ୟ ତାଙ୍କୁ ପାଲଟା ଆକ୍ରମଣ କରିଥିଲେ। ଉଭୟଙ୍କୁ ଆହତ ଅବସ୍ଥାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ଆନନ୍ଦପୁର ବ୍ଲକ୍ ଶିକ୍ଷାଧିକାରୀ ଉମାକାନ୍ତ ରାଉତ ଓ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏ ସଂକ୍ରାନ୍ତରେ ବିଇଓ ରାଉତଙ୍କୁ ପଚାରିବାରୁ, କମିଟି ସଦସ୍ୟ ଏବଂ ଅଭିଭାବକଙ୍କ ଲିଖିତ ଅଭିଯୋଗ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟର ସାମଗ୍ରୀ ଚୋରି ଘଟଣାରେ ସେ ସାମିଲ ନ ଥିବା ଓ ଏହା ତାଙ୍କ ଉପରେ ମିଥ୍ୟା ଅଭିଯୋଗ ବୋଲି ସମ୍ପୃକ୍ତ ଶିକ୍ଷୟିତ୍ରୀ ଜଣକ କହିଛନ୍ତି। ଖବର ଲେଖାହେବା ବେଳକୁ ଏ ନେଇ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

